## ହତ୍ୟା ମାମଲାରେ ଯୁବକ ଗିରଫ

ଖଜୁରିପଡ଼ା/ବଲସକୁମ୍ପା,(ଡି.ଏନ.ଏ.)-ଖଜୁରିପଡ଼ା ଥାନା ବାଲିସୁଗ୍ରୀ ଗ୍ରାମର ଶାଗୁଆନ ଜଙ୍ଗଲରୁ ଗତ ୨୫ରେ ବିନୋଦ ଜାନି (୩୫)ଙ୍କ ଗଳିତ ମୃତଦେହ ମାଟି ତଳୁ ପୋଲିସ ଉଦ୍ଧାର କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ପୋଲିସ ନଂ. ୧୧୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ଶୁକ୍ରବାର ହତ୍ୟାକାରି ମୁନା ଓରଫ ଶିବାନନ୍ଦ କହଁରଙ୍କୁ ପୋଲିସ କାର୍ଟ ଚାଲାଣ କରିଛି। ପ୍ରକାଶ ଯେ ଏହା ଏକ ପ୍ରତିଶୋଧ ପରାୟଣ ହତ୍ୟାକାଣ୍ଡ। କିଛି ବର୍ଷ ପୂର୍ବେ କୌଣସି କାରଣକୁ ନେଇ ବିନୋଦ ଜାନିଙ୍କ ବାପା ସଦାନନ୍ଦ ଜାନି ଓ ଶିବାନନ୍ଦ କହଁରଙ୍କ ବାପା ତପନ କହଁରଙ୍କ ମଧ୍ୟରେ ବଚସା ହୋଇ ସଦାନନ୍ଦ ତପନ କହଁରଙ୍କୁ ହତ୍ୟା କରିଥିଲା। ତାହାର ପ୍ରତିଶୋଧ ନେବାକୁ ଶିବାନନ୍ଦ କହଁର ବିନୋଦକୁ ହତ୍ୟା କରିଥିବା ଜଣାପଡ଼ିଛି।

# ସ୍ଥାପନ ହେବ ଗାନ୍ଧୀ ପ୍ରତିମୂର୍ତ୍ତି, ଭାଗବତ ଟୁଙ୍ଗି

## ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ସମୀକ୍ଷା

ଛତ୍ରପୁର,୨୯।୧୦(ଡି.ଏନ୍.ଏ.)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଗଞ୍ଜାମ ଜିଲା ଗସ୍ତରେ ଆସି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି । ନିର୍ଦ୍ଦେଶକ ଛତ୍ରପୁରସ୍ଥିତ ସଂସ୍କୃତି ଭବନ କାର୍ଯ୍ୟାଳୟ ଠାରେ ସମୀକ୍ଷା କରିଛନ୍ତି। ଜିଲାରେ ପ୍ରଦାନ କରାଯିବାକୁ ଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶିକୁ ଅଡିସନ ମାଧ୍ୟମରେ ଚୟନ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ସଂସ୍କୃତି ଭବନ ପରିସରରେ ଥିବା ଲୋକକଳା ମ୍ୟୁଜିୟମ ଏବଂ ବିଭିନ୍ନ ପ୍ରାଚୀନ ମନ୍ଦିରରେ ଉନ୍ନତୀକରଣ, ଦିବଂଗତ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ବ୍ୟକ୍ତି ତଥା ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଲୋକକଳା ସଂଘ ଓ କଳାକାରଙ୍କର ସୁଦୃଢ଼ୀକରଣ, ସଂସ୍କୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉପଯୋଗୀ କରିବା, ଜିଲା କଳା ସଂସ୍କୃତି ସଂଘ କାର୍ଯ୍ୟାଳୟ, ଭାଗବତ ଟୁଙ୍ଗି ଆଦି ସମ୍ପୂର୍ଣ୍ଣ କରିବାକୁ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କୁ ପରାମର୍ଶ ଦେଇଥିଲେ। କାର୍ତ୍ତିକ ପୂର୍ଣ୍ଣିମାରେ ଲୋକକଳା ଗ୍ରାମରେ ଝୋଟି, ମୁରୁଜ, ହୁଳହୁଳି, ଲକ୍ଷ୍ମୀ ପୁରାଣ ପାଠ ଆଦିର ପ୍ରତିଯୋଗିତା କରାଯିବା ସହିତ ଘରଗୁଡ଼ିକୁ ଝୋଟି ଚିତା ଦେଇ ସଜାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ସଂସ୍କୃତି ନିର୍ଦ୍ଦେଶକଙ୍କ ସହିତ ବିଭାଗର ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇ, ରାଜ୍ୟ ଲୋକକଳା ସଂଘର ଉପସଭାପତି ଅବନୀ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ସେଠୀ ଓ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ କୁମାର ପାଢୀ, ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଅନିଲ କୁମାର ପାତ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ନିର୍ଦ୍ଦେଶକ ଅନୁଧ୍ୟାନ କରୁଛନ୍ତି ।

## ସଂକ୍ଷେପରେ

### ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଗଞ୍ଜାମ,୨୯।୧୦(ଡି.ଏନ.ଏ.):ଗଞ୍ଜାମ ଏନ୍ଏସି ପୁଇଁତୋଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ନୂତନ ସଭାପତି ଭାବେ ଅଜୟ କୁମାର ବାରିକି, ଉପସଭାପତି ସସ୍ମିତା ମହାରଣାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ସଭ୍ୟଭାବେ ଭଗବାନ ପ୍ରଧାନ, ଗଣେଶ ସାହୁ ପ୍ରମୁଖ ରହିଛନ୍ତି। ପୁଇଁତୋଳା ୟୁପି ସ୍କୁଲ କ୍ଲଷ୍ଟର ସିଆର୍ସିସି ମହେଶ ବେହେରା, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବେହେରା, ସହ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ, ସାଗରିକା ଚଣ୍ଡ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ବାଉଣ୍ଡରି, ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ କମିଟି ସଭାପତି ଓ ଉପସଭାପତିଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ୪୨.୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ,୨୯।୧୦:ଫୁଲବାଣୀ ସଦର ଥାନା ପୋଲିସ ମଲିକପଡ଼ା ରାସ୍ତାରେ ଚଢ଼ାଉ କରି ଏକ କାରରୁ ୪୨.୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମଲିକପଡ଼ା ଗ୍ରାମର ରଞ୍ଜନ ବଗର୍ତ୍ତୀ ଏବଂ ଭଦ୍ରକ ଜିଲାର ସପନ କାମିଲା। ଏକ କାର୍ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା ଟିମ୍ ସହ ମଲିକପଡ଼ା ରାସ୍ତାରେ ଛକି ରହିଥିଲେ। ଗାଡି ଆସୁଥିବା ଦେଖି ଅଟକାଇ ଯାଞ୍ଚ କଲା ବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ଏ ନେଇ ନଂ.୧୩୯/୨୧ରେ ମାମାଲା ରୁଜୁ ହୋଇଛି।

### ଆର୍ଆଇ ଅଫିସ ଖୋଲିବାକୁ ଦାବି

ଆର.ଉଦୟଗିରି,୨୯।୧୦(ଡି.ଏନ.ଏ.)-ମୋହନା ବ୍ଲକ ମାଣ୍ଡିମେରାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବା ଦାବିରେ ୩ ପଞ୍ଚାୟତବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ରାଜ୍ୟ ସରକାର ମୋହନା ବ୍ଲକରେ ଏକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ମାଣ୍ଡିମେରାଠାରେ ରାଜସ୍ୱ କାର୍ଯ୍ୟାଳୟ ଖୋଲିବା ପାଇଁ ମାଣ୍ଡିମେରା, ଖାରିଗୁଡା ଓ ଗୁରୁଝୁଲି ପଞ୍ଚାୟତବାସୀ ଦାବି କରିଛନ୍ତି। ସେମାନଙ୍କ ଦାବି ହେଉଛି ମାଣ୍ଡିମେରା ହେଉଛି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବା ପାଇଁ ଉପଯୁକ୍ତ ସ୍ଥାନ। ୩ଟି ପଞ୍ଚାୟତର ୧୨ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ୩ ପଞ୍ଚାୟତ ଲୋକ ଦୈନନ୍ଦିନ କାର୍ଯ୍ୟ ନିମନ୍ତେ ମାଣ୍ଡିମେରା ଗ୍ରାମ ଉପରେ ନିର୍ଭର କରିଥାନ୍ତି। ତେଣୁ ସେଠାରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲାଗଲେ ସମ୍ପୃକ୍ତ ଅଞ୍ଚଳବାସୀ ଜମିଜମା କାଗଜପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର, ଜାତିଗତ ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ସୁବିଧା ପାଇପାରିବେ ବୋଲି କହିଛନ୍ତି। ଏନେଇ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

### ପିଲା ସାଲୁଙ୍କି ଡ୍ୟାମ୍ ସଫେଇ

ଖଜୁରିପଡ଼ା/ବଲସକୁମ୍ପା,୨୯।୧୦(ଡି.ଏନ.ଏ.)-ଖଜୁରିପଡ଼ା ବ୍ଲକର ପିଲା ସାଲୁଙ୍କି ଡ୍ୟାମ ପର୍ଯ୍ୟଟନ ସ୍ଥଳୀ ପରିସର ମଧ୍ୟରେ ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ଏବଂ ମା' ଇଷ୍ଟ ଦେବୀ ଯୁବ କଳା ପରିଷଦ ବଲସକୁମ୍ପାର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ଫୁଲବାଣୀର ଜିଲା ଯୁବ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସହକର୍ମୀ ସତ୍ୟବାନ ଦଳବେହେରାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ସୋନାଲି ଡିଗାଲ, ରୀତିମା ବାଘ, ମେଘାରାଣୀ ମହାପାତ୍ର, ଚନ୍ଦ୍ରମଣି ଦେହୁରୀ, ସିବେନ୍ଦ୍ର ଡିଗାଲ, କମଳ ଲୋଚନ ଦେହୁରୀ, ମିନି କହଁର, ମା' ଇଷ୍ଟ ଦେବୀ ଯୁବ କଳା ପରିଷଦର ସମ୍ପାଦକ ବିଦୂର ବେହେରା ଓ ଯୁବକ ସଂଘର ସଭ୍ୟ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ପଡ଼ିଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ।

### ୨୬୫ ୟୁନିଟ୍ ରକ୍ତ ସଂଗ୍ରହ

ଶେରଗଡ଼,୨୯।୧୦(ଡି.ଏନ.ଏ.)-ଶେରଗଡ଼ ବ୍ଲକ ପରିସରରେ ବିଜେଡି, ମୋ ପରିବାର ଓ ଜୀବନବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟମନ୍ତ୍ରୀଙ୍କ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଶୁଭାରମ୍ଭ କରିଥିଲେ। ୨୨ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଓ ବିଜେଡି ନେତାଙ୍କ ଗହଣରେ ମୋଟ ୨୬୫ ୟୁନିଟ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜୀବନ ବିନ୍ଦୁ ଜିଲା ସଯୋଜକ ସୁବାସ ମହାରଣା, ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୃଷୀକେଶ ପାଢ଼ୀ, ହୀନ ବେହେରା, ପ୍ରମୋଦ କୁମାର ପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସବିତା ରାଣୀ ଚୌଧୁରୀ, ଦିଗାମ୍ବର ନାହାକ ପ୍ରମୁଖ କର୍ମୀ ଯୋଗ ଦେଇଥିଲେ।

## ସ୍ୱତନ୍ତ୍ର ସଚିବଙ୍କ ଛେଲିଗଡ଼ ଜଳ ବିଦ୍ୟୁତ୍ ପ୍ରକଳ୍ପ ପରିଦର୍ଶନ

ଆର.ଉଦୟଗିରି,୨୯।୧୦(ଡି.ଏନ.ଏ.)

ଅନୁସୂଚିତ ଜାତି ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ପବିତ୍ର ମଣ୍ଡଳ ଗଜପତି ଜିଲା ଗସ୍ତରେ ଆସି ଚାଲିଥିବା ବିଭିନ୍ନ ଆଦିବାସୀଙ୍କ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଆର.ଉଦୟଗିରି ବ୍ଲକ ଛେଲିଗଡ଼ ଅଞ୍ଚଳରେ ନିର୍ମାଣାଧୀନ ଥିବା ମଧ୍ୟମ ଜଳ ବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ ରହୁଥିବା ବିସ୍ଥାପିତଙ୍କ ଥଇଥାନ ପ୍ୟାକେଜ ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ପରିଦର୍ଶନ କରି ବିସ୍ଥାପିତଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତରେ ଜିଲା ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହେରା, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ ରଥ, ସ୍ୱତନ୍ତ୍ର ଅଧିକାରୀ ଜ୍ୟୋତିକୃଷ୍ଣ ବେହେରା ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀ ବିସ୍ଥାପିତ ଅଞ୍ଚଳ ବୁଲି ଆଗାମୀ ଦିନରେ ଯେଉଁ ସବୁ ସୁବିଧା ପାଇବେ ତାହା ଆଲୋଚନା ସମୟରେ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲେ ଏହି ପ୍ରକଳ୍ପରୁ ୩୬ ମେଗାୱାଟ ବିଦ୍ୟୁତ୍ ଶକ୍ତି ଆଦାୟ ହେବା ସହ ୧୧୦୦ ହେକ୍ଟର ଚାଷ ଜମିକୁ ଜଳ ଯୋଗାଣ ହେବ ବୋଲି ସ୍ଥାନୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ. ନଗେନ୍ଦ୍ର ନାଥ ମହାରଣା କହିଛନ୍ତି। ଗତ କିଛିଦିନ ପୂର୍ବେ ମୁଖ୍ୟ ଶାସନ ସଚିବ ଗଜପତି ଗସ୍ତ କରି ଜିଲା ପ୍ରଶାସନ ସହ ପ୍ରକଳ୍ପ ଅଧିକାରୀଙ୍କୁ ଡକାଇ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ କରିଥିଲେ। ଜିଲାପାଳ ଲିଙ୍ଗରାଜ ପଣ୍ଡା ଏହି ଜିଲାରେ କାର୍ଯ୍ୟ ଭାର ଗ୍ରହଣ କରିବା ପରେ ବିସ୍ଥାପିତ ଅଞ୍ଚଳ ଗସ୍ତ କରି ସରକାରଙ୍କ ସମସ୍ତ ନିୟମ ଅନୁଯାୟୀ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସମସ୍ତ ପ୍ରତିଶ୍ରୁତି ମଧ୍ୟ କାର୍ଯ୍ୟକାରୀ ନିମନ୍ତେ ସରକାରଙ୍କ ଦୃଷ୍ଟିକୁ ଆଣି ସମାଧାନ ମଧ୍ୟ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦାରିଙ୍ଗବାଡ଼ି ଗସ୍ତ

### ଏସ୍ଏଚ୍ଜିଙ୍କୁ ନେଇ ସମୀକ୍ଷା ବୈଠକ

ଦାରିଙ୍ଗବାଡି,୨୯।୧୦(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା ଦୁଇ ଦିନିଆ ଗସ୍ତ କରିଛନ୍ତି। ସେ ଗୁରୁବାର ବିଳମ୍ବିତ ରାତିରେ ଦାରିଙ୍ଗବାଡ଼ିରେ ପହଞ୍ଚି ଶୁକ୍ରବାର ବ୍ରାହ୍ମଣୀଗାଁ ବୁଲିଥିଲେ। ବ୍ରାହ୍ମଣୀଗାଁଠାରେ ୧୧ ନଂ. ଜୋନର ୧୧ ପଞ୍ଚାୟତର ଏବଂ ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ୧୦ ନଂ ଜୋନର ୧୪ ପଞ୍ଚାୟତରେ ରହିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସମେତ କର୍ମକର୍ତ୍ତାଙ୍କୁ ଭେଟି ବିଭିନ୍ନ ଯୋଜନାରେ ମହିଳାଙ୍କୁ ଦିଆଯାଉଥିବା ଅନୁଦାନ ସମ୍ପର୍କରେ ବୁଝିଥିଲେ। ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଶୀଘ୍ର ପ୍ରଦାନ କରାଯିବ ଏବଂ ମହିଳାଙ୍କୁ ୧୦ଲକ୍ଷ ଟଙ୍କା ଯାଏ ସମସ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା ରହିଥିବା ବେଳେ ପୁରୁଷଙ୍କ ଲାଗି ୫ଲକ୍ଷ ଟଙ୍କା ରହିଥିବା କୁହାଯାଇଥିଲା। ସେହିପରି ସମସ୍ତ ୨୫ ପଞ୍ଚାୟତରେ ପାନୀୟ ଜଳର ବ୍ୟବସ୍ଥା କରାଯିବ। ଏକାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ଲକ୍ଷାଧିକ ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ପରେ ମନ୍ତ୍ରୀ ଅପରାହ୍ନରେ ବିଜେଡିର ଦଳୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦଳକୁ ମଜବୁତ କରିବାକୁ କହିଥିଲେ। ବୈଠକରେ ବିଜେଡିରେ ସାମିଲ ହୋଇଥିବା ଭାଜପା ଏବଂ କଂଗ୍ରେସର ବହୁ କର୍ମୀଙ୍କୁ ମନ୍ତ୍ରୀ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରିଥିଲେ। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡ. ଜିଲାପରିଷଦ ଅଧକ୍ଷା ଆଂକାକ୍ଷା ପ୍ରଧାନ, ପିଡି ବିଶ୍ୱରଞ୍ଜନ ନାୟକ, ବିଡିଓ କଳାକୃଷ୍ଣ ପ୍ରଧାନ, ସିଡିପିଓ ଅଞ୍ଜଳୀ ମହାପାତ୍ର, କନ୍ଧମାଳ ଏମ୍ପିଙ୍କ ପ୍ରତିନିଧି ଦେବେନ୍ଦ୍ର ସାମଲ, ବିଜେଡିର ଜିଲା ସଭାନେତ୍ରୀ ପୁନମ କହଁର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଦଳୀୟ କାର୍ଯ୍ୟକ୍ରମରେ ରାଇକିଆ, ଟିକାବାଲି, ଜି.ଉଦୟଗିରି ଏବଂ ଦାରିଙ୍ଗବାଡ଼ିର ବହୁ କକର୍ମକର୍ତ୍ତା ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ ଜେନା , ବିଧାୟକ ସାଲୁଗା ପ୍ରଧାନ ଏବଂ ଅନ୍ୟମାନେ।

## ଆଖୁ ଚାଷୀ ସମ୍ମିଳନୀ

ବେଗୁନିଆପଡ଼ା,୨୯।୧୦(ଡି.ଏନ୍.ଏ)

ବେଗୁନିଆପଡ଼ା ବ୍ଲକ ତାଳସର ପଞ୍ଚାୟତର ହଂସତୁଳିଠାରେ ଶୁକ୍ରବାର ଆଖୁଚାଷୀଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆସିକା ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ନାୟକ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଗ୍ରାମାଞ୍ଚଳରେ ବହୁ ଆଖୁଚାଷୀ ଆଖୁଚାଷ କରି ଜୀବିକା ନିର୍ବାହ କରୁଥିବା ବେଳେ ଏହା ଉପରେ ସମ୍ପୃକ୍ତ ବିଭାଗ ସହଯୋଗର ହାତ ବଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଆଖୁ ଚାଷ ପରିଚାଳକ ପ୍ରଶାନ୍ତ କୁମାର ପାଢ଼ୀ, ପରିଦର୍ଶକ ସୁକାନ୍ତ କୁମାର ପଣ୍ଡା, ହଂସତୁଳି ଗ୍ରାମ ପକ୍ଷରୁ ବରିଷ୍ଠ ସଦସ୍ୟ ରଙ୍କନାଥ ସ୍ୱାଇଁ, ମୁକୁନ୍ଦ ମାଧବ ସ୍ୱାଇଁ, ରମେଶ ଚନ୍ଦ୍ର ପଣ୍ଡା, ରଘୁନାଥ ସ୍ୱାଇଁ, ବଳରାମ ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇଥିଲେ।

## ଟ୍ରାନ୍ସଫର୍ମରରେ ଲାଗି ଷଣ୍ଢ ମୃତ

ହିଞ୍ଜିଳିକାଟୁ,୨୯।୧୦(ଡି.ଏନ୍.ଏ):

ହିଞ୍ଜିଳିକାଟୁ ବ୍ଲକ ବୁରୁପୋଡ଼ା ନୂଆଁ ସାହିରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମରରେ ଲାଗି ଶୁକ୍ରବାର ଷଣ୍ଢର ମୃତ୍ୟୁ ଘଟିଛି। ଶୁକ୍ରବାର ୨ଷଣ୍ଢ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ୨ ଷଣ୍ଢକୁ ଠେଲାଠେଲି ହୋଇ ନିକଟରେ ଥିବା ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଭିତରେ ପଶିଯାଇଥିଲେ। ସେଠାରେ ଜଣେ ଷଣ୍ଢ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲା। ଅନ୍ୟ ଷଣ୍ଢଟି ବିଦ୍ୟୁତ୍ ଆଘାତ ପାଇ ଛିଟିକି ପଡ଼ିଥିଲା। ଗ୍ରାମବାସୀ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଥିଲେ ମଧ୍ୟ ଷଣ୍ଢର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୁକୁଳା ଟ୍ରାନ୍ସଫର୍ମରକୁ ଆବଦ୍ଧ କରିବା ପାଇଁ ଗ୍ରାମବାସୀ ପୂର୍ବରୁ ବହୁବାର ଦାବି କରି ଆସୁଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଶୁଣୁନଥିବାରୁ ଏଭଳି ଘଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ମୃତ ଷଣ୍ଢକୁ ବାହାର କରିଥିଲେ।

## କଂଗ୍ରେସ, ଭାଜପା କର୍ମୀଙ୍କୁ ଅଟକ ରଖିଲା ପୋଲିସ

ଦାରିଙ୍ଗବାଡ଼ି,୨୯।୧୦(ଡି.ଏନ୍.ଏ.)

ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନା ଦାରିଙ୍ଗବାଡ଼ି ବ୍ଲକକୁ ଦୁଇଦିନିଆ ଗସ୍ତରେ ଆସିଥିବା ବେଳେ ତାଙ୍କୁ ବିରୋଧ କରାଯିବା ଆଶଙ୍କା ଥିବାରୁ ପୋଲିସ କଂଗ୍ରେସ ଏବଂ ଭାଜପାର ପ୍ରାୟ ୨୦ଜଣ କର୍ମୀଙ୍କୁ ଶୁକ୍ରବାର ଭୋରରୁ ଘରୁ ଉଠାଇ ନେଇଛି। ବିରୋଧ ଭୟରେ ନଜରବନ୍ଦୀ କରି ରଖାଯିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଟକ ଥିବା କଂଗ୍ରେସ ଦଳର କାଳୀପ୍ରସାଦ ମଲ୍ଲିକଙ୍କ ସମେତ ବିଳାସିନୀ ନାୟକ, ସିମଲାରାଣୀ ପତ୍ରା, ଭାଜପାର ମହେଶ୍ୱର ସାହୁ, ମିଟୁ ସାହୁ ପ୍ରମୁଖ କହିଛନ୍ତି। ସେମାନେ ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି କଳାପତାକା ଦେଖାଇବା ଏବଂ ମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଭିଡିଓ ଭାଇରାଲ ହୋଇଛି।

## ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

ଆସିକା,୨୯।୧୦(ଡି.ଏନ.ଏ):

ଆସିକା – ବାଲିପଦର ମୁଖ୍ୟ ରାସ୍ତାର ଚିନିଶିଳ୍ପ ସଂଲଗ୍ନ କଇଁଫୁଲିଆ ନାଳରେ ପଡିଯାଇ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିନିଶିଳ୍ପ ନୂଆଗାଁର ନିହାର ରଞ୍ଜନ ନାୟକ (୨୭)। ନିହାର କଇଁଫୁଲିଆ ନାଳରେ ପଡିଯାଇଥିବା ଖବରପାଇ ପରିବାର ପକ୍ଷରୁ ତାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିଭଳି ପରିସ୍ଥିତିରେ ନିହାର ନାଳରେ ପଡିଲେ ତାହା ସ୍ପଷ୍ଟ ହୋଇନାହିଁ।

## ବ୍ୟାଙ୍କ ସମୂହ ଦ୍ୱାରା ୫୪ କୋଟି ଋଣ ପ୍ରଦାନ

ଫୁଲବାଣୀ ଅଫିସ, ୨୯।୧୦

କନ୍ଧମାଳ ଜିଲାର ବିଭିନ୍ନ ବ୍ୟାଙ୍କ ସମୂହଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବ୍ୟାଙ୍କ ସଂଯୋଗୀକରଣ ଶିବିର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଶିବିରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ସଂଗଠନ, ବ୍ୟକ୍ତି ବିଶେଷ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାଙ୍କ ଜରିଆରେ ଦିଆ ଯାଉଥିବା ଋଣ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ସଂପର୍କରେ ଅବଗତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାଶ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରି ଫୁଲବାଣୀ ଅଗ୍ରଣୀ ବ୍ୟାଙ୍କ ପରିଚାଳକ କଳ୍ପତରୁ ଦାଶ ଉପସ୍ଥିତ ହିତାଧିକାରୀ ମାନଙ୍କୁ ବିଭିନ୍ନ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍ଏଚ୍ଜି ଓ ବ୍ୟକ୍ତି ବିଶେଷଙ୍କୁ ୫୪ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଫୁଲବାଣୀ ବିଡିଓ ଶାନ୍ତନୁ ନାୟକ, ଫିରିଙ୍ଗିଆ ବିଡିଓ ରଶ୍ମୀରଞ୍ଜନ ମହନ୍ତ, ବ୍ୟାଙ୍କ ଅଧିକାରୀ ବିଷ୍ଣୁଚରଣ ସାହାଣି, ଆକ୍ସିସ ବ୍ୟାଙ୍କ ଅଧିକାରୀ ସତ୍ୟରାମ ପାଠୀଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀ ମାନେ ଯୋଗ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ରୁପା ଗହଣା ଲୁଟ୍ ମାମଲା, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୯।୧୦(ଡି.ଏନ.ଏ.)

ପାଟପୁର ଥାନା ପ୍ରତାପଗିରି ଗ୍ରାମରୁ ଜଣେ ବ୍ୟବସାୟୀଙ୍କ ବାଇକରୁ ରୁପା ଗହଣା ବ୍ୟାଗକୁ ଲୁଟିଥିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଆସିକା ଥାନା କାଳଷଣ୍ଡପୁର ଗ୍ରାମ ଷ୍ଟାଡିୟମ ସାହିର ଡି .ଶ୍ରୀନିବାସ ଓରଫ ବଂଶୀ। ଶୁକ୍ରବାର ପାଟପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଅତିରିକ୍ତ ଏସ୍ପି ପ୍ରଦୀପ କୁମାର ଦଳେଇ ଲୁଟ୍ ମାମଲାର ସୂଚନା ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୪ କେଜି ଓଜନର ପ୍ରାୟ ୩ ଲକ୍ଷ ଟଙ୍କାର ସମସ୍ତ ଚୋରୀ ରୁପା ଗହଣା ସମେତ ଚୋରି ଘଟଣାରେ ବ୍ୟବହୃତ ବାଇକ୍କୁ ମଧ୍ୟ ଜବତ କରିଛି। ସୂଚନା ଅନୁଯାୟୀ,ଗତ ୧୮ରେ ସାନଖେମୁଣ୍ଡି ବ୍ଲକ ପାଟପୁର ରାଧାଦେଇପୁର ଗ୍ରାମର ରୁପା ବ୍ୟବସାୟୀ ମୁରଲୀ ସାହୁ ନିଜ ବାଇକରେ ରୁପା ଗହଣା ଗୁଡ଼ିକୁ ଏକ ବ୍ୟାଗରେ ରଖି ବିକ୍ରି କରିବା ପାଇଁ ନିକଟସ୍ଥ ପ୍ରତାପଗିରି ଗ୍ରାମକୁ ଯିବା ସମୟରେ ଅଭିଯୁକ୍ତମାନେ ଉକ୍ତ ବ୍ୟାଗକୁ ଲୁଟି ର ସେଠାରୁ ଚମ୍ପଟ ମାରିଥିଲେ। ମୁରଲୀଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ. ୩୪୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇଛି। ଅନ୍ୟତମ ଫେରାର୍ ଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପାଟପୁର ପୋଲିସ କହିଛି।

# ଦିବ୍ୟାଙ୍ଗ ପ୍ରମାଣପତ୍ରରେ ତ୍ରୁଟି

### ନବୋଦୟରେ ନାମ ଲେଖାଇ ପାରୁନାହାନ୍ତି ସମ୍ମିତ

ଫୁଲବାଣୀ ଅଫିସ, ୨୯।୧୦

କନ୍ଧମାଳ ଜିଲାରେ ଭୁଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ନବୋଦୟରେ ନାମ ଲେଖାଇ ପାରୁନାହାନ୍ତି ଜଣେ ଛାତ୍ର । ଦିବ୍ୟାଙ୍ଗ ପ୍ରମାଣପତ୍ରରେ ତ୍ରୁଟି ପରିଲକ୍ଷିତ ହେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରମାଣପତ୍ର ସଂଶୋଧନ କରି ୧୫ ଦିନରେ ଆଣିବାକୁ ସମୟ ଦେଇଛନ୍ତି। ଏହି ଦିନ ମଧ୍ୟରେ ପ୍ରମାଣପତ୍ର ଠିକ୍ କରି ନ ଆଣିଲେ ଛାତ୍ର ପଢ଼ିବାରୁ ବଞ୍ଚିତ ହେବେ ବୋଲି କହିଛନ୍ତି। ସେପଟେ ମେଡିକାଲ କର୍ତ୍ତୃପକ୍ଷ ପିଲାର ଫିଜିଓ ଥେରାପି କରିବାକୁ କହିବା ସହ ୩ ମାସ ଅପେକ୍ଷା କରିବାକୁ କହିଛନ୍ତି, ଯାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଦାରିଙ୍ଗିବାଡି ବ୍ଲକ ଦାସିଂବାଡିର ଛାତ୍ର ସମ୍ମିତଙ୍କ କ୍ଷେତ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ଜିଲାର ଦାରିଙ୍ଗିବାଡି ବ୍ଲକ ଦାସିଙ୍ଗିବାଡି ଗ୍ରାମ ବ୍ରଜକିଶୋର ପଟ୍ଟନାୟକଙ୍କ ପୁଅ ସମ୍ମିତ ୩ ବର୍ଷର ହୋଇଥିବା ବେଳେ ପଡି ଯିବାରୁ ଡାହାଣ ହାତ ଭାଙ୍ଗି ଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ହାତରେ ଅସ୍ତ୍ରୋପଚାର କରାଯାଇଥିଲା । ପରବର୍ତ୍ତୀ ସମୟରେ ହାତ ଆଉ ସ୍ୱାଭାବିକ ଭାବେ କାମ କଲା ନାହିଁ । ପିଲାର ହାତ ବଙ୍କା ରହିଲା । ପୁଣି ଡାକ୍ତରଙ୍କ ପରାମର୍ଶ କ୍ରମେ ଫିଜିଓଥେରାପି ଆରମ୍ଭ ହୋଇଥିଲା । କ୍ରମାଗତ ଭାବେ ଏହା କରିଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ । ୨୦୧୬ରେ ଦାରିଙ୍ଗିବାଡି ବ୍ଲକରେ ହୋଇଥିବା ଦିବ୍ୟାଙ୍ଗ ଚିହ୍ନଟ ଶିବିରରେ ସେ ନାମ ପଞ୍ଜୀକୃତ କରିଥିଲେ। ସେଠାରେ ବିଭିନ୍ନ ପରୀକ୍ଷା ପରେ ତାଙ୍କୁ ୪୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ଦିଆଯାଇଥିଲା। ହେଲେ ପ୍ରମାଣପତ୍ରରେ ହାତ ବଦଳରେ ଗୋଡ ଲେଖି ଦିଆଯାଇଥିଲା, ଯାହାକୁ ସମ୍ମିତଙ୍କ ବାପା ଜାଣିପାରି ନ ଥିଲେ । ସମ୍ମିତ ଚଳିତ ବର୍ଷ ନବୋଦୟ ପାଇଛନ୍ତି। ଫୁଲବାଣୀ ସ୍ଥିତ ତୁଡିପାଜୁରେ ଥିବା ନବୋଦୟ ବିଦ୍ୟାଳୟରେ ଦିବ୍ୟାଙ୍ଗ କୋଟାରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ପ୍ରମାଣପତ୍ର ନେଇ ଗଲା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନଜରକୁ ତ୍ରୁଟି ଆସିଥିଲା। ମେଡିକାଲ କର୍ତ୍ତୃପକ୍ଷ ତ୍ରୁଟି ସୁଧାରି ତୁରନ୍ତ ପ୍ରମାଣପତ୍ର ଯୋଗାଇ ଦେବାକୁ ସମ୍ମିତଙ୍କ ବାପା କହିଥିଲେ ମଧ୍ୟ ସେମାନେ ଶୁଣୁ ନାହାନ୍ତି। ଓଲଟା ଫିଜିଓଥେରାପି କରିବାକୁ ପରାମର୍ଶ ଦେଉଛନ୍ତି। ଫଳରେ ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରିଛନ୍ତି। ଭିନ୍ନକ୍ଷମ ପ୍ରମାଣପତ୍ର ଦେବା ପାଇଁ ଯେଉଁ ବୋର୍ଡ ରହିଛି ସେଥିରେ ଅସ୍ଥିଶଲ୍ୟ ବିଶେଷଜ୍ଞ କହୁଛନ୍ତି ଏହା ଭିନ୍ନକ୍ଷମରେ ଆସୁନାହିଁ । ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ କଥା ହୋଇ କ'ଣ ନିୟମ ରହିଛି ତାହା ବୁଝିକି ଜଣାଇବେ ବୋଲି କହିଛନ୍ତି।



ବାପାଙ୍କ ସହ ସମ୍ମିତ ।

## ଭିସିରେ ଆଲୋଚନା କଲେ ୫–ଟି ସଚିବ

ପାରଳାଖେମୁଣ୍ଡି,୨୯।୧୦(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ସଦର ମହକୁମା ଗୋଷାଣୀ ପଞ୍ଚାୟତ ସମିତି ସମ୍ମିଳନୀ ଗୃହଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୫ଟି ରୂପାନ୍ତରଣ ବିଦ୍ୟାଳୟ ସମ୍ପର୍କରେ ୫–ଟି ସଚିବ ଭିସିରେ ଆଲୋଚନାରେ କରିଛନ୍ତି। ଏଥିରେ ୫–ଟି ସଚିବ ଭି.କେ. ପାଣ୍ଡିଆନ ଯୋଗଦେଇ ସମୀକ୍ଷା କରିଥିଲେ। ଗଜପତି ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରଣ ହେବାକୁ ଥିବା ଉଚ୍ଚ ବିଦ୍ୟାଳୟର ଅଗ୍ରଗତି, ଭିତ୍ତିଭୂମି ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଗଜପତି ଜିଲା ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର, ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ସମେତ ସମସ୍ତ ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା, ସରପଞ୍ଚ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରଣ ହେବାକୁ ଥିବା ୬୦ ଉଚ୍ଚବିଦ୍ୟାଳୟ ଚୟନ ହୋଇଥିବା ଜଣାପଡିଛି ।

### ଗଜପତି: ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରଣ ହେବ ୬୦ ହାଇସ୍କୁଲ




ଭିସିରେ ଆଲୋଚନା ଚାଲିଛି।

